# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର, କେନ୍ଦୁଝର

---

**ସପ୍ତାହ -01** **ତାରିଖ-02.01.2026**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **Keonjhar** | 2026-01-03 | 0 | 28 | 11 | 2 | 72 | 31 | 4 | 349 |
| | 2026-01-04 | 0 | 28 | 12 | 2 | 73 | 35 | 4 | 90 |
| | 2026-01-05 | 0 | 28 | 12 | 2 | 78 | 36 | 4 | 9 |
| | 2026-01-06 | 0 | 27 | 11 | 1 | 78 | 34 | 5 | 90 |
| | 2026-01-07 | 0 | 26 | 10 | 1 | 74 | 29 | 5 | 4 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧରେ କେନ୍ଦୁଝର ଜିଲ୍ଲାରେ **ବର୍ଷା ହେବାର ସମ୍ଭାବନା ନାହିଁ।** ଏହି ସମୟରେ ଆକାଶ ପ୍ରାୟ ସଫା ରହିପାରେ। ପବନ ର ବେଗ 4-5 କି.ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 26-28 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 10-12 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ ସୂଚନା:**

- ଜିଲ୍ଲାରେ ଶୀତ ଲହରୀ ଓ କୁହୁଡି ଜାରି ରହିବାର ସମ୍ଭାବନା ରହିଛି।

**କୃଷି ଉପରେ ପାଣିପାଗ ର ପ୍ରଭାବ ଏବଂ ଉପଦେଶ:**

- ନିମ୍ନ ତାପମାତ୍ରା ଯୋଗୁଁ ଫୁଲ ଏବଂ ଫଳ ରେ ବିଳମ୍ବ ଦେଖିବାକୁ ମିଳିପାରେ। କୁହୁଡି ଏବଂ ବାୟୁମଣ୍ଡଳ ରେ ଆଦ୍ରତା ଥିବାରୁ, ଶୋଷକ ପୋକ ର ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳିପାରେ। ହାଲୁକା ଜଳ ସେଚନ ତାପମାତ୍ରାକୁ କୁ ନିୟନ୍ତ୍ରଣ କରି ଗଛ ବୃଦ୍ଧି ରେ ସାହାଜ୍ୟ କରିଥାଏ।

**ସାଧାରଣ ପରାମର୍ଶ:**

- ବର୍ତମାନ ଥଣ୍ଡା ପାଗ ଯୋଗୁଁ ଶୋଷକ ପୋକ ଫସଲରେ ଦେଖିବାକୁ ମିଳୁଛନ୍ତି।
- କ୍ଷେତରେ ଜଉ ପୋକ , ଥ୍ରିପ୍ସ/ଉଙ୍କୁଣିଆ ପୋକ ଏବଂ ଧଳାମାଛି ର ଆକ୍ରମଣ ହ୍ରାସ କରିବା ପାଇଁ ଇମିଡାକ୍ଲୋପ୍ରିଡ଼ ୧୭.୮% SL @ ୧ ମିଲି/ଲିଟର ସ୍ପ୍ରେ କରନ୍ତୁ।
- ମଲଚିଙ୍ଗ ବ୍ୟବହାର କରି ଘାସ ଏବଂ ନିମ୍ନ ତାପମାତ୍ରା ରୁ ଫସଲକୁ ରକ୍ଷା କରି ହବ।
- ଘାସ ବାଛି ଜମି ସଫା ରଖନ୍ତୁ ଏବଂ ଯଦି ପାରିବେ, ଜଳ ସେଚନ କରନ୍ତୁ।

**ସଂକ୍ଷିପ୍ତ ଉପଦେଶ:**

- ରାସାୟନିକ ଔଷଧ ବଦଳରେ ନୀମାସ୍ତ୍ର ଏବଂ ବ୍ରହ୍ମାଅସ୍ତ୍ର ବ୍ୟବହାର କରନ୍ତୁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| **ଶସ୍ୟ** | **ଶସ୍ୟ ର ଅବସ୍ଥା/ ସ୍ଥିତି** | **ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ** |
|---|---|---|
| **ଶସ୍ୟ:** | | |
| **ଚିସି/ ପେଶୀ** | ଗଛ ବୃଦ୍ଧି ଅବସ୍ଥା | • ଧାଡି ରୁ ବହଳିଆ ଗଛ ଓପାଡି ଗଛ ର ପରିମାଣ ସଠିକ ରଖନ୍ତୁ।<br>• ଜଳ ସେଚନ ଦେଇ ପାରିବେ।<br>• ରୋଗ ପୋକ ବର୍ତମାନ ଚିସି ରେ ଲାଗି ନାହନ୍ତି କିନ୍ତୁ ନଜର ରଖନ୍ତୁ।<br>• ଜିଆ ଖତ ବ୍ୟବହାର କରନ୍ତୁ। |
| **ବୁଟ** | ଫୁଲ ଅବସ୍ଥା | • **କବକ ଜନିତ ରୋଗ** ଲାଗୁଥିବାରୁ, ଗଛ ମଉଳି ନଷ୍ଟ ହୋଇ ଯାଉଛି। ଏହା ପାଇଁ *Metalaxyl* + *Mancozeb* (*Ridomil MZ) @* 30*g/15lt* ସିଞ୍ଚନ କରନ୍ତୁ।<br>• **ପତ୍ର ଦାଗ** (*Alternaria blight)* ର ନିୟନ୍ତ୍ରଣ ପାଇଁ *Carbendazim* କିମ୍ୱା *Mancozeb @* 1 *g/lt* ପତ୍ର ଉପରେ ସନ୍ଧ୍ୟା କିମ୍ୱା ସକାଳ ସମୟରେ ସିଞ୍ଚନ କରନ୍ତୁ।<br>• ମାଟି ଶୁଖିଲା ଥିଲେ, ଜଳ ସେଚନ ର ବ୍ୟବସ୍ଥା କରନ୍ତୁ। |
| **ସୋରିଷ / ତୋରିଆ** | ଫୁଲ/ଫଳ ଅବସ୍ଥା | • ଅଧିକା ଗଛ ହୋଇଥିଲେ, ଗଛ କୁ ଗଛ 10 ସିଏମ ବ୍ୟାବଧାନ ରଖି ଅନ୍ୟ ଗଛ ଓପାଡି ଦିଅନ୍ତୁ। ଏହା ଦ୍ୱାରା ଗଛ ଭଲ ଭାବେ ବଢ଼ି ଥାଏ।<br>• **FAW ବା ଫଲ ଆର୍ମି ୱର୍ମ** କୁ ନିୟନ୍ତ୍ରଣ କରିବା ପାଇଁ ଚାଷୀମାନଙ୍କୁ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୪% *SG @* ୪-୫ ଗ୍ରାମ/୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବାକୁ ପରାମର୍ଶ ଦିଆଯାଇଛି।<br>• ଚାଷୀମାନେ ଆଜାଡିରାକ୍ଟିନ୍ ୧୫୦୦ *PPM @* ୨.୫ ଲିଟର/ହେକ୍ଟର କିମ୍ବା କ୍ଲୋରାଣ୍ଟ୍ରାନିଲିପୋଲ୍ ୧୮.୫ *SC @* ୮୦ ମିଲି/ଏକର ସ୍ପ୍ରେ କରିପାରିବେ।<br>• ଫସଲରେ **ଜଉ ପୋକ** ର ପରିଚାଳନା ପାଇଁ ଇମିଡାକ୍ଲୋପ୍ରିଡ଼ |

| | | |
|---|---|---|
| | | ୧୭.୮% *SL* @ ୧ ମିଲି/ଲିଟର କିମ୍ବା ଡାଇମେଥୋଏଟ୍ @ ୧-୨ ମିଲି/ଲିଟର ସ୍ପ୍ରେ କରନ୍ତୁ। |
| **ପନିପରିବା:** | | |
| **ବାଇଗଣ** | ଗଛ ବୃଦ୍ଧି ଅବସ୍ଥା | • **ପତ୍ର ଦାଗ ରୋଗ** ର ନିୟନ୍ତ୍ରଣ ପାଇଁ *Carbendazim @ 1 g/lt* ସିଞ୍ଚନ କରନ୍ତୁ।<br>• **ପତ୍ର ଖାଉଥିବା ପୋକକୁ** ନିୟନ୍ତ୍ରଣ କରିବା ପାଇଁ, ଏହାକୁ ନିୟନ୍ତ୍ରଣ କରିବା ପାଇଁ ୦.୫ ଗ୍ରାମ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। |
| **ଲଙ୍କା** | ଗଛ ବୃଦ୍ଧି/ ଫୁଲ ଅବସ୍ଥା | • ଏହି ସମୟରେ **ଜଉ ପୋକ** ର ପ୍ରାଦୁର୍ଭାବ ଅଧିକା ଦେଖିବାକୁ ମିଳୁଛି। ଏହା ପାଇଁ *Dimethoate* 30 *EC* କିମ୍ବା *Methyl demeton* 25 *EC @* 1 *ml/lt* ସିଞ୍ଚନ କରନ୍ତୁ। |
| **ଫଳ:** | | |
| **ଅମୃତଭଣ୍ଡା** | ଗଛ ବୃଦ୍ଧି ଅବସ୍ଥା | • **ପାପାୟା ରିଂ ସ୍ପୋଟ ଭାଇରସ** ଧଳା ମାଛି ଦ୍ୱାରା ବ୍ୟାପୀ ଥାଏ। ଏହା କୁ ନିୟନ୍ତ୍ରଣ କରିବା ପାଇଁ *Acephate* କିମ୍ବା *Acetamiprid* ଔଷଧ 1 *g/lt* ସିଞ୍ଚନ କରନ୍ତୁ। |

**ପାଣିପାଗ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

- କୁହୁଡି ଏବଂ ନିମ୍ନ ତାପମାତ୍ରା ଏବଂ ଶୀତଳ ଲହରୀ ଜିଲ୍ଲାରେ ପ୍ରବଳ ଥଣ୍ଡା ସୃଷ୍ଟି କରୁଛି। ଏହା ସାଧାରଣ ଲୋକ ଏବଂ ପଶୁପାଳନଙ୍କ ଜୀବନକୁ ପ୍ରଭାବିତ କରୁଛି। ସନ୍ଧ୍ୟା ପରେ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

**ପ୍ରଭାବ ଭିତ୍ତିକ ପରାମର୍ଶ (ସାଧାରଣ):**

- GKMS ଅଧିକାରୀ, IMD ଦ୍ୱାରା ଜାରି ପାଣିପାଗ ପରାମର୍ଶ ବିଷୟରେ ନିଜକୁ ଅପଡେଟ୍ ରଖନ୍ତୁ।
- ରୋଗ ଏବଂ କୀଟପତଙ୍ଗରୁ ଫସଲକୁ ସୁରକ୍ଷା ଦେବା ପାଇଁ ନିୟମିତ ଭାବରେ କୃଷି ପରାମର୍ଶ ପାଳନ କରନ୍ତୁ।
- ଅମଳ କରାଯାଇଥିବା ଉତ୍ପାଦକୁ ସୁରକ୍ଷିତ ଏବଂ ଶୁଷ୍କ ସଂରକ୍ଷଣରେ ରଖାଯିବ।
- ଯେକୌଣସି ଟୀକାକରଣ ସୂଚୀ ପାଇଁ, ପଶୁଚିକିତ୍ସା ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
- ପଶୁପାଳନ ପାଇଁ ଖାଦ୍ୟ ଏବଂ ପାଣି ଯୋଗାଇବା ଏବଂ ରାତିରେ ଉଷ୍ମତା ପାଇଁ ବ୍ୟବସ୍ଥା କରିବା।

**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email:** subhakantaofficial95@gmail.com

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**